# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**9 September - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

– ମାଲକାନଗିରି ଜିଲ୍ଲାରେ ପ୍ରଶାସନକୁ ସହାୟତା କରିବା ଲାଗି ୩ ବରିଷ୍ଠ ଅଧିକାରୀ ନିଯୁକ୍ତ

– ଭୀଷଣ ବର୍ଷା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

- ରାଜ୍ୟରେ ମଙ୍କିପକ୍ସ ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତା ଜାରି

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ବିମ୍ବାସୁର ବଦ୍ଧ ନୀତି

# ଏସ୍‌ଆର୍‌ସି ବନ୍ୟା ସମୀକ୍ଷା

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ, ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦ ସେଠୀ ଓ ଦକ୍ଷିଣ ରେଞ୍ଜର ଡିଆଇଜି ଚରଣ ମୀଣାଙ୍କୁ ମାଲକାନଗିରି ଜିଲ୍ଲାରେ ଜିଲ୍ଲା ପ୍ରଶାସନକୁ ସହାୟତା କରିବା ଲାଗି ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ ସିଂ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିତି ଉପରେ ନଜର ରଖିବାକୁ ଇଂଜିନିୟର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ବର୍ଷା ଜଳ ନିଷ୍କାସନ ପାଇଁ ଭୁବନେଶ୍ୱରରେ ୩୦ଟି ପମ୍ପ ଏବଂ କଟକ ଓ ପୁରୀରେ ୧୦ଟି ଲେଖାଏଁ ପମ୍ପ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି।

ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ଉପୁନ୍ନ ହୋଇଥିବାରୁ ବିଭିନ୍ନ ଜିଲ୍ଲାରେ ଓଡ୍ରାଫର ୧୮ଟି ୟୁନିଟ ମୁତୟନ କରାଯାଇଛି । ମାଲକାନଗିରିରେ ୬ଟି ଟିମ ମୁତୟନ କରାଯାଇଥିବା ବେଳେ କୋରାପୁଟ, ରାୟଗଡା, ଗଂଜାମ, କନ୍ଧମାଳ, ବୌଦ୍ଧ ଓ ବଲାଙ୍ଗିରର ଜିଲ୍ଲାରେ ୨ଟି ଲେଖାଏଁ ଟିମ ମୁତୟନ କରାଯାଇଛି। କୌଣସି

ପ୍ରକାର ପରିସ୍ଥିତିର ମୁକାବିଲା ଲାଗି ଓଡ୍ରାଫର ୧୨ଟି ଟିମକୁ ସଜାଗ ରଖାଯାଇଥିବା ଜଣାପଡ଼ିଛି ।

ମାଲକାନଗିରିର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଅଗ୍ନିଶମ ବିଭାଗର ଟିମକୁ ମଧ୍ୟ ମୁତୟନ କରାଯାଇଛି । ଏ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ ସିଂ କହିଛନ୍ତି...

# - V/O –

***Malkangiri***

## ବର୍ଷା

ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଜିଲ୍ଲାର ପୋଟେରୁ ଗ୍ରାମରେ ବନ୍ୟା ଯୋଗୁଁ ଲୋକେ ଘରର ଛାତ ଉପରେ ଆଶ୍ରୟ ନେଇଥିବା ଜଣାପଡ଼ିଛି । ଜିଲ୍ଲାର ଏମ. ଭି-୭ ଗ୍ରାମରେ ଜଳ ଘେରରେ ଫସିଥିବା ୩ ଜଣ, ଏମ. ଭି- ୩୯ ଗ୍ରାମରେ ୭ ଜଣ ଓ ପୋଟେରୁ ପୋଲ କାର୍ଯ୍ୟରେ ନିୟୋଜିତ ୩ ଜଣ ଶ୍ରମିକଙ୍କୁ ଅଗ୍ନିଶ୍ରମ ବାହିନୀ ପକ୍ଷରୁ ଉଦ୍ଧାର କରାଯାଇଛି । ଜିଲ୍ଲାର ଏମ.ଭି-୭, କାଙ୍ଗୁରୁକୋଣ୍ଡା,ଏମ. ଭି-୯୦, କନ୍ୟାଶ୍ରମ, ପାଙ୍ଗାମ ଓ ଏମ. ଭି-୩୭ ପୋଲ ଉପର ଦେଇ ପ୍ରବାହିତ ହେଉଥିବା ଯୋଗୁଁ ମାଲକାନଗିରି ଜିଲ୍ଲା ସଦର ମହକୁମା ସହ ମାଥିଲି, ଚିତ୍ରକୋଣ୍ଡା, କାଲିମେଲା ଓ ପଡ଼ିଆ ବ୍ଲକ ବିଛିନ୍ନ ହୋଇଛି ।

ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ମାଲକାନଗିରି ଠାରୁ ଜୟପୁର ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ଏଥିସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଛ ଓ ପଥର ଖସି ପଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୫୦୪ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ କହିଛନ୍ତି ।

*CTC*

## ବର୍ଷା-୨

କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ତଥା ସହରାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପଦ ଏଡାଇବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଆଭାସି ମାଧ୍ୟମରେ ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କର ଏକ ଜରୁରୀ ବୈଠକରେ ଜିଲ୍ଲାପାଳ ଆନୁଷଙ୍ଗିକ ସହାୟତା ବ୍ୟବସ୍ଥା ସହ ପ୍ରସ୍ତୁତ ରହିବା ଏବଂ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବଡମ୍ବା, ନରସିଂହପୁର, ଆଠଗଡ଼, ତିଗିରିଆ ଓ ନିଆଳି ବ୍ଲକ ଗୁଡ଼ିକରେ ପାହାଡ଼ିଆ ଅପହଞ୍ଚ ଅଞ୍ଚଳ ଏବଂ ତଳିଆ ଅଞ୍ଚଳରେ ବର୍ଷା ପାଣି ଘେରରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରିବା ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କଟକ ପୌରାଞ୍ଚଳର ତଳିଆ ଅଞ୍ଚଳରେ ପମ୍ପ ଯୋଗେ ଜମି ରହିଥିବା ବର୍ଷା ଜଳ ନିଷ୍କାସନ କରିବା ସହ ଜିଲ୍ଲା ଜରୁରୀ କାଳୀନ

ଅଧିକାରୀଙ୍କୁ ଏନ୍.ଡି.ଆର.ଆଫ୍ ଓ ଓ.ଡି.ଆର୍.ଏଫ୍ ଦଳଙ୍କୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଶ୍ରମିକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

***Nabaragnpur***

## ବର୍ଷା-୩

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ନଦୀ ଇନ୍ଦ୍ରାବତୀ, ଟୁରି, ଗୁଣ୍ଡାକ, ଭାସ୍କେଲ ଓ ଅଙ୍ଗୀରେ ଜଳସ୍ତର ବୃଦ୍ଧି ପାଇଛ । ତେନ୍ତୁଳୀଖୁଣ୍ଟି ବ୍ଲକର ଖାତିଗୁଡ଼ାଠାରେ ଥିବା ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ଥିବା ବେଳେ ଏବେ ଜଳସ୍ତର ୬୩୫ ଦଶମିକ ୨/୫ ମିଟରକୁ ବୃଦ୍ଧି ପାଇଛି ।

***Koraput***

## ବର୍ଷା-୪

କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ସମସ୍ୟା ସୃଷ୍ଟି ହୋଇଛି । ଜିଲ୍ଲାର କୋଲାବ, ବରୀ, କୁର୍ଲୁ ଓ ଇନ୍ଦ୍ରାବତୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଲଗାଣ ବର୍ଷା ପ୍ରଭାବରେ କୁନ୍ଦ୍ରା ବ୍ଲକର ୫୦ ଟି ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବା ସହ ହଜାର ହଜାର ଏକର ଜମିରେ

ବନ୍ୟା ଜଳ ଜମି ରହିଛି । ଜୟପୁରଠାରୁ କୁନ୍ଦ୍ରା ଓ  ମାଲକାନଗିରି ଏବଂ କୋଟପାଡ଼ଠାରୁ କୁନ୍ଦ୍ରା ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଛି ।

ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୧ ହଜାର ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଜଲାପୁଟ ଡ୍ୟାମ ଜଳଭଣ୍ଡାରର ୭ଟି ଗେଟ୍ ଖୋଲାଯିବା ଫଳରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ମଧ୍ୟରେ ଜଳ ପ୍ରବେଶ କରିଛି । ଯାନ୍ତ୍ରିକ ତ୍ରୁଟି ଘଟିବା ଯୋଗୁଁ ବିଦ୍ୟୁତ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଛି । ଅନ୍ୟପକ୍ଷରେ ତେଲେଙ୍ଗିରି ଡ୍ୟାମର ଗୋଟିଏ ଗେଟ୍ ଖୋଲାଯିବା ଫଳରେ ବୋରିଗୁମ୍ମା ବ୍ଲକର ଇନ୍ଦ୍ରାବତୀ ନଦୀରେ ପ୍ରାୟ ୩୦୦ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ବର୍ଷା ଲାଗି ରହିବା ଫଳରେ କ୍ଷୟକ୍ଷତିର ଆକଳନ ଏ ଯାବତ ସ୍ପଷ୍ଟ ହୋଇପାରିନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ଓ ତହସିଲ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***RNU BBSR/Desk***

## ପାଣିପାଗ

ବଙ୍ଗୋପ ସାଗରରେ ଅବପାତ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି । ଆଗାମୀ ୨୪ ଘଂଟା ପାଇଁ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୧୦ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଭୀଷଣ ବର୍ଷା ନେଇ ୧୨ ଜିଲ୍ଲାକୁ ଅରେଞ୍ଜ୍

ୱାର୍ଣ୍ଣିଂ ଓ ୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ । ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବା ୧୦ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନା ଅନୁଯାୟୀ, ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ମାଲକାନଗିରି ଜିଲ୍ଲାର ମାଲକାନଗିରିରେ ସର୍ବାଧିକ ୨୫୩ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି।

ସେହିପରି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ୨୨୫, କୋରୁକୁଣ୍ଡାରେ ୨୦୦ ଓ ମାଥିଲିରେ ୧୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବନ୍ୟା ପରିସ୍ଥିତି ଯୋଗୁଁ ମାଲକାନଗିରି ଜିଲ୍ଲା ବାହ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ହୋଇଛି। ରାଜ୍ୟ ସରକାର ବନ୍ୟା ପରିସ୍ଥିତି ନେଇ ସତର୍କ ଦୃଷ୍ଟି ରଖିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି...

**- V/O –**

***HS***

**ମଙ୍କିପକ୍ସ ସଂକ୍ରମଣ**

ଦେଶରେ ପ୍ରଥମ ମଙ୍କିପକ୍ସ ସଂକ୍ରମଣ ମାମଲା ଚିହ୍ନଟ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟର ସବୁ ପ୍ରବେଶ ପଥରେ ସତର୍କତା ଜାରି କରାଯାଇଛି। ପ୍ରଭାବିତ ଅଞ୍ଚଳରୁ ଆସୁଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧରେ ରଖାଯାଉଛି। ଲୋକମାନଙ୍କୁ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

***Puri***

## ଶ୍ରୀମନ୍ଦିର ଶ୍ରୀକୃଷ୍ଣଙ୍କ ଲୀଳା

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳା ଜାରି ରହିଛି। ଆଜି ବିମ୍ବାସୁର ବଧ ନୀତି ଅନୁଷ୍ଠିତ ହେବ। ସନ୍ଧ୍ୟାଧୂପ ନୀତି ପରେ ମଦନମୋହନ ନାଟପଣ୍ଡପ ମନ୍ଦିର ଖଟଶେଯ ଉପରେ ବିଜେ କରିବା ସହ ସେଠାରେ ବିମ୍ବାସୁର ବଧ ନୀତି ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ବିମ୍ବାସୁରକୁ ବଧ କରିବା ପରେ ଶୀତଳ ଭୋଗ କରାଯିବ। ପରେ ଠାକୁରଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବ। ଶ୍ରୀକୃଷ୍ଣ ଲୀଳାର ଏହା ଆଉ ଏକ ଅଧ୍ୟାୟ। ବିମ୍ବାସୁର ନାମକ ଭୟଙ୍କର ରାକ୍ଷସକୁ ମହାରାଜ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବାକୁ ପଠାଇଥିଲେ । କିନ୍ତୁ ଭଗବାନ ଶ୍ରୀକୃଷ୍ଣ ମୁଷ୍ଟି ପ୍ରହାର କରି ଅନାୟାସରେ ବିମ୍ବାସୁରକୁ ବଧ କରିଥିଲେ । ଏହି ଲୀଳାକୁ ମନେ ପକାଇ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ପାଳନ କରାଯାଏ। ଏଥି ସହିତ ଆଜି  ମହାଲକ୍ଷ୍ମୀଙ୍କ ମନ୍ଦିରରେ କୁକ୍କୁଟୀ ବ୍ରତ ନୀତି ପାଳନ କରାଯାଇଛି।

*Nabarangpur*

## ଡାଇରିଆରେ ମୃତ୍ୟୁ

ନବରଙ୍ଗପୁର ଜିଲ୍ଲାରେ ଡାଇରିଆ ପ୍ରକୋପ ବୃଦ୍ଧି ପାଇଛି। ଜିଲ୍ଲାର ଝରୀଗାଁ ବ୍ଲକ ଚେପଟି ଆମ୍ବ ଗାଁର ୧୯ ଜଣ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ, ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେହି ଗ୍ରାମରେ ଆଉ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଝରୀଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

*PIB*

## ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

୧୯୯୯ ବ୍ୟାଚ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଅଖିଳ କୁମାର ମିଶ୍ର କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱର, ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ଓଡ଼ିଶାର ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଜେନେରାଲ ଭାବେ ମଧ୍ୟ କାର୍ଯ୍ୟ କରିବେ। ଏହା ବ୍ୟତୀତ ସେ ସେ ଝାଡ଼ଖଣ୍ଡର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ । ଶ୍ରୀ ମିଶ୍ର ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ, ପିଆଇବି ଏବଂ ସିବିସି ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜଣେ ଗବେଷକ ଭାବରେ ସେ ଆମେରିକାର ବର୍କଲେ ଓ ମ୍ୟାରିଲାଣ୍ଡ ତଥା ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟ

ପରିଭ୍ରମଣ କରିଛନ୍ତି । ସେ ଜଣେ ପ୍ରତିଷ୍ଠିତ କବି ଭାବରେ ସୁପରିଚିତ ଓ ତାଙ୍କର ଅନେକ କାବ୍ୟକୃତି ପାଠକୀୟ ଆଦୃତି ଲାଭ କରିଛି ।

***Boudh***

## ସାପ କାମୁଡ଼ିବାରୁ ୩ ମୃତ୍ୟୁ

ବୌଦ୍ଧ ଜିଲ୍ଲା ଟିକରପଡ଼ା ଗ୍ରାମ ପଞ୍ଚାୟତ ଚରିଆପାଲି ଗ୍ରାମରେ ସାପ କାମୁଡ଼ାରେ ଗୋଟିଏ ପରିବାରର ୩ ନାବାଳିକାଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପ୍ରଥମେ ସମସ୍ତଙ୍କୁ ଗୁଣିଆ ପାଖରେ ଝଡ଼ାଫୁଙ୍କା କରିବାରୁ ଅବସ୍ଥା ଗୁରୁତର ହୋଇଥିଲା। ପରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ୩ ଜଣ ନାବାଳିକା ଝିଅଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ବାପାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

***BHK***

## ସଡ଼କ ଦୁର୍ଘଟଣା

ଭଦ୍ରକ ଜିଲ୍ଲା ଟାଉନ ଥାନା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ବନ୍ତ ଛକ ନିକଟରେ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ବାଇକ୍‌ରେ ୩ ଜଣ ଯାଉଥିବା ବେଳେ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

******************************